# ଅନୁଗୋଳରୁ ଆଜି 24 ଜଣ କରୋନା ପଜିଟିଭ୍ ଚିହ୍ନଟ

ପଜିଟିଭ୍ ସଂଖ୍ୟା ପହଞ୍ଚିଲା ୨୯ରେ

ନଂ 315 / ଆଞ୍ଚଳିକ ତା ୦୩/୦୬/୨୦୨୦

ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଛେଣ୍ଡିପଦା ବ୍ଲକର ଏକ ଘରୋଇ ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ଥିବା 16 ଜଣ କର୍ମଚାରୀ ଆଜି କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହି 16 ଜଣଙ୍କ ମଧ୍ୟରେ 15 ପୁରୁଷ ଓ ଜଣେ ମହିଳା କର୍ମଚାରୀ । ଏହି 15 ଜଣ ଆକ୍ରାନ୍ତ ପୁରୁଷଙ୍କ ମଧ୍ୟରେ ସଂପୃକ୍ତ ସଂସ୍ଥାର 2 ଜଣ ଡ଼ାକ୍ତର ଅଛନ୍ତି । ଆଠମଲ୍ଲିକ ବ୍ଲକ ଅଞ୍ଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ଜଣେ ପୁରୁଷ ଓ ସେଠାରେ କାର୍ଯ୍ୟରତ ଜଣେ ମହିଳା ପାରାମେଡ଼ିକାଲ୍ କର୍ମଚାରୀ ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଅନୁଗୋଳ ସହରାଞ୍ଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ 3 ଜଣ ଓ 2 ଜଣ ପେଡ୍ କ୍ୱାରାଣ୍ଟାଇନରେ ଥାଇ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କର ନମୂନା ଆଜି ପଜିଟିଭ୍ ଜଣାପଡ଼ିବା ପରେ ସେମାନଙ୍କୁ ପର୍ଯ୍ୟାୟ କ୍ରମେ ତାଳଚେର କୋଭିଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଜିଲ୍ଲାର ଜଣେ 66 ବର୍ଷିୟ ବୟସ୍କ କ୍ୟାନସର୍ ପୀଡ଼ିତ ପୁରୁଷ ଭୁବନେଶ୍ୱର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ କରୋନା ପଜିଟିଭ୍ ଥିବାର ଜଣାପଡ଼ିଛି । ଏହି 24 ଜଣଙ୍କୁ ମିଶିଇ ଜିଲ୍ଲାରେ ପଜିଟିଭ୍ ସଂଖ୍ୟା ୨୯ରେ ପହଞ୍ଚିଛି ।

ମନୋଜ ମହାନ୍ତି ୩/୬/୨୦୨୦

ଜିଲ୍ଲାପାଳ, ଅନୁଗୋଳ

Scanned with CamScan